ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର

ବିଜ୍ଞାପନ ସଂଖ୍ୟା - ୦୨

ତାରିଖ- ୨୩-୧୨-୨୦୨୫

ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆଗାମୀ ୨୦୨୬ ବର୍ଷ ପାଇଁ ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ନାମ ତାଲିକାଭୁକ୍ତ କରିବା ପାଇଁ ବାଲେଶ୍ୱର ଜିଲ୍ଲାର ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରୁଛନ୍ତି ।

ପାରାଲିଗାଲ ସ୍ୱେଚ୍ଛାସେବୀ ଭାବେ ନାମ ତାଲିକାଭୁକ୍ତ ହେବାପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ଅନ୍ୟୁନ ମାଟ୍ରିକ୍ ପାଶ୍ କରିଥିବା ଆବଶ୍ୟକ । ପାରାଲିଗାଲ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରିବା ପାଇଁ ବ୍ୟକ୍ତିଙ୍କର ବିନା ବେତନ/ପାରିଶ୍ରମିକରେ ସେବା ପ୍ରଦାନରେ ଆଗ୍ରହ ଥିବା ଆବଶ୍ୟକ, କାରଣ ପାରାଲିଗାଲ ସ୍ୱେଚ୍ଛାସେବୀ ପଦବୀ ସମ୍ପୂର୍ଣ ରୂପରେ ଅବୈତନିକ । ସ୍ୱେଚ୍ଛାକୃତ ମନୋବୃତି ରଖି ସାମାଜିକ ଦାୟିତ୍ୟବୋଧ ସହ କାର୍ଯ୍ୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଏଥିପାଇଁ ଦରଖାସ୍ତ କରି ପାରିବେ । ପାରାଲିଗାଲ ସ୍ୱେଚ୍ଛାସବୀ ମାନଙ୍କୁ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ ଆଇନସେବା ସମିତି ପକ୍ଷରୁ ସେମାନଙ୍କର ସେବା ପ୍ରଦାନ ପାଇଁ ପାରିତୋଷିକ ପ୍ରଦାନର ବ୍ୟବସ୍ଥା ରହିଛି ।

ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ବିଷୟରେ ଅଧିକ କିଛି ସୂଚନା-

ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିମ ପାରାଲିଗାଲ ସ୍ୱେଚ୍ଛାସେବୀରୂପେ ନିକଟସ୍ଥ ଆଇନ୍ ସେବା ପ୍ରାଧିକରଣ/ତାଲୁକ ଆଇନସେବା ସମିତି ଙ୍କ ଦ୍ୱାରା ପଂଜୀକୃତ ହୋଇ ସ୍ୱେଚ୍ଛାକୃତ ଭାବେ ଆଇନ୍ ସେବା କାର୍ଯ୍ୟରେ ନିୟୋଜିତ ହୋଇପାରିବେ । ସଂପୃକ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ୍ ପ୍ରଦାନପୂର୍ବକ ଏକ ଚିହ୍ନଟ ପତ୍ର ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ଏହି ସ୍ୱେଚ୍ଛାସେବୀମାନେ ଜିଲ୍ଲା ମୁଖ୍ୟ କାରାଗାର ରେ ଅବସ୍ଥାନ କରୁଥିବା ବନ୍ଦୀ କିମ୍ବା ବିଚାରଧୀନ ବନ୍ଦୀ ମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଓ ବୈଧିକ ଅଧିକାର, କର୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ କରିବେ । ଏହା ବ୍ୟତୀତ, ଲୋକ ଅଦାଲତର ଉପାଦେୟତା ତଥା ଆପୋଷ ବୁଝାମଣା ଭିତରେ ମୋକଦ୍ଦମାର ଫଇସଲା ବା ଆଇନଗତ ସମସ୍ୟାର ସମାଧାନର ଗୁରୁତ୍ୱ ଏବଂ ଉପାଦେୟତା ବିଷୟରେ ଲୋକଙ୍କୁ ଅବଗତ କରାଇବା, ଓଡିଶା ପିଡୀତା କ୍ଷତିପୂରଣ ଯୋଜନା ତଥା ଜାତୀୟ ଆଇନସେବା ପ୍ରାଧିକରଣର ବିଭିନ୍ନ ଯୋଜନା ବାବଦରେ ଅବଗତ କରାଇବା ମଧ୍ୟ ଏହି ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ଅଟେ । କାରାଗାରରେ ରହୁଥିବା କୌଣସି ବନ୍ଦୀଙ୍କର ଆଇନ ସହାୟତା ଆବଶ୍ୟକତା ଥିଲେ ପାରାଲିଗାଲ ସ୍ୱେଚ୍ଛାସେବୀ କାରାଗାର ର ଅଧ୍ୟକ୍ଷ ଙ୍କ ମାଧ୍ୟମରେ ଜିଲ୍ଲା ଆଇନସେବା ପ୍ରାଧିକରଣ କିମ୍ବା ତାଲୁକ ଆଇନସେବା ସମିତି କୁ ଅବଗତ କରାଇବେ ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଆବେଦନ ପତ୍ରଟିକୁ ସଂପୂର୍ଣ୍ଣ ଓ ସଠିକ୍ ଭାବରେ ପୂରଣ କରି ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ବୟସ ପ୍ରମାଣ ପତ୍ର ଓ ଜାତିଗତ ପ୍ରମାଣ ପତ୍ର ସହିତ ଏକଗୋଟି ପାସ୍ ପୋର୍ଟ ଫଟୋ ଲଗାଇ ନିମ୍ନ ଲିଖିତ ଠିକଣାରେ ଆବେଦନ କରିବେ । ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ ତା ୦୭-୦୧-୨୦୨୬ । ଶେଷ ତାରିଖ ପରେ କୌଣସି ଆବେଦନ ପତ୍ର ଗ୍ରହଣଯୋଗ୍ୟ ହେବ ନାହିଁ । ସଂପୂର୍ଣ୍ଣ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

<u>ଯୋଗାଯୋଗ ଠିକଣା-</u>

ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ବାଲେଶ୍ୱର

ବିକଳ୍ପ ବିବାଦ ସମାଧାନ କେନ୍ଦ୍ର(ଏଡିଆର୍ ବିଲ୍ଡିଙ୍ଗ)

ଜିଲ୍ଲା ଅଦାଲତ ପରିସର, ବାଲେଶ୍ୱର, ପିନ୍-୭୫୬୦୦୧

ଫୋନ୍- ୦୬୭୮୨-୨୬୬୮୫୮

ପାରାଲିଗାଲ ସ୍ୱେଚ୍ଛାସେବୀ ପଦବୀ ଆବେଦନ ସମୟରେ ବିଜ୍ଞାପନ ବାବଦରେ ସବିଶେଷ ବିବରଣୀ ପାଇଁ , ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର କନିଷ୍ଠ କିରାଣୀ ଶ୍ରୀ ଏକାମ୍ର ପାଲ୍ ଙ୍କ ସହିତ ୮୨୬୦୧୪୯୩୮୧ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିପାରିବେ ।

ସ୍ୱା/-

ଅଧ୍ୟକ୍ଷ,

ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର

ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର

ପାରାଲିଗାଲ ସ୍ୱେଚ୍ଛାସେବୀ ପାଇଁ ଆବେଦନ ପତ୍ର*

୧. ଆବେଦନକାରୀଙ୍କ ନାମ:-

୨. ପିତା/ସ୍ୱାମୀଙ୍କ ନାମ:-

୩. ବୟସ:-

୪. ଜନ୍ମ ତାରିଖ:-

୫. ଲିଙ୍ଗ:-

୬. ଜାତି-

୭. ଶିକ୍ଷାଗତ ଯୋଗ୍ୟତା:-

୮. ସ୍ଥାୟୀ ଠିକଣା:-

୯. ଯୋଗାଯୋଗ ଠିକଣା-

୧୦. ମୋବାଇଲ୍ ନମ୍ବର-

୧୧. ପ୍ରାର୍ଥୀ/ପ୍ରାର୍ଥିନୀ ଇଚ୍ଛା ପ୍ରକାଶ କରୁଥିବା କାର୍ଯ୍ୟସ୍ଥଳ- ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର/ତାଲୁକ ଆଇନସେବା ସମିତି,
ସୋରୋ/ ଜଳେଶ୍ୱର/ନୀଳଗିରୀ/ବସ୍ତା

ବର୍ତ୍ତମାନର ପାସପୋର୍ଟ
ସାଇଜ୍ ର ସେଲ୍ଫ
ଆଟେସ୍ଟେଡ ଫୋଟୋ

ଆବେଦନକାରୀଙ୍କ ସ୍ୱାକ୍ଷର

ଘୋଷଣା ପତ୍ର

ମୁଁ ଶ୍ରୀ/ଶ୍ରୀମତୀ/କୁମାରୀ....., ଏତଦ୍ଦ୍ୱାରା ଘୋଷଣା କରୁଅଛି କି ଉପର ବର୍ଣିତ ତଥ୍ୟ ମୋ ଜ୍ଞାତ ସାରରେ ସମ୍ପୂର୍ଣ ସତ୍ୟ ଅଟେ । ତତ୍ ସହିତ ମୁଁ ପୁନର୍ବାର ଘୋଷଣା କରୁଅଛି ଯେ ମୁଁ କୌଣସି ରାଜନୈତିକ ଦଳ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂପୃକ୍ତ ନୁହେଁ ।

ଆବେଦନକାରୀଙ୍କ ସ୍ୱାକ୍ଷର

ବିଦ୍ର- ଆବେଦନକାରୀ ତାଙ୍କର ଶିକ୍ଷାଗତ ଯୋଗ୍ୟତା, ବୟସ ଓ ଜାତିଗତ ପ୍ରମାଣ ପତ୍ରର ଫୋଟୋ କପି ଆବେଦନ ପତ୍ର ସହ ସଂଲଗ୍ନ କରି ଦାଖଲ କରିବେ ।